ଭୁବନେଶ୍ୱର, ମଙ୍ଗଳବାର, ୧୨ ନଭେମ୍ବର, ୧୯୮୫

# ବାଲିଆପାଳ ଓ ଆମର ଦାୟିତ୍ୱ

ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରୁ ଫେରି ବାଲିଆପାଳଠାରେ ପ୍ରସ୍ତାବିତ ରକେଟ୍ କ୍ଷେପଣାସ୍ତ୍ର କେନ୍ଦ୍ର ପ୍ରତିଷ୍ଠା ସମ୍ବନ୍ଧରେ ଦେଇଥିବା ବକ୍ତବ୍ୟଟି ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ଏହାଦ୍ୱାରା ନିକଟ ଅତୀତରେ ବିଭିନ୍ନ ପତ୍ରପତ୍ରିକାରେ ଏହାକୁ ନେଇ ଯେଉଁ ବାଦାନୁବାଦ ସୃଷ୍ଟିହୋଇଛି ତାହାର ଅବସାନ ଘଟିବ ବୋଲି ଆମେ ଆଶାକରୁ । ମୁଖ୍ୟମନ୍ତ୍ରୀଙ୍କର ମନ୍ତବ୍ୟ ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ ନ ଥିଲା । ସେ ତାଙ୍କର ନୂଆଦିଲ୍ଲୀ ରହଣିକାଳ ମଧ୍ୟରେ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅରୁଣ ସିଂହଙ୍କ ସହିତ ଏ ବିଷୟରେ ବିଶଦ ଆଲୋଚନା କରିଥିବା କଥା ପ୍ରକାଶ କରିଛନ୍ତି । ସେ କହିଛନ୍ତି ବାଲିଆପାଳ ଏ ପ୍ରକାର କ୍ଷେପଣାସ୍ତ୍ର କେନ୍ଦ୍ରପାଇଁ ଏକମାତ୍ର ଉପଯୁକ୍ତ ସ୍ଥାନ । ଏହାର ଅନ୍ୟ କୌଣସି ବିକଳ୍ପ ନାହିଁ । ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କର ଏ ବକ୍ତବ୍ୟଟି ପରିପ୍ରେକ୍ଷୀରେ ଏହାକୁ କେନ୍ଦ୍ର ସରକାରଙ୍କର ଏକ ସୁଚିନ୍ତିତ ମନ୍ତବ୍ୟ ବୋଲି ଧରିବାକୁ ହେବ ଏବଂ ଏହାପରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଏ କ୍ଷେତ୍ରରେ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ବୋଲି ମଧ୍ୟ ଆଉ କହିହେବ ନାହିଁ । କିନ୍ତୁ ବର୍ତ୍ତମାନ ପ୍ରଶ୍ନ ହେଲା, ଯେହେତୁ କେନ୍ଦ୍ର ସରକାର ଅନ୍ୟ କୌଣସି ବିକଳ୍ପ ନ ଥିବା ଦୃଷ୍ଟିରୁ ଏ ନିଷ୍ପତ୍ତିର ପୁନର୍ବିଚାର ଏବଂ ପରିବର୍ତ୍ତନ କରିବା ଅସମ୍ଭବ ବୋଲି କହିଲେଣି ସେଇ ପରିପ୍ରେକ୍ଷୀରେ ଆମର ଦାୟିତ୍ୱ କ'ଣ ?

ଆମର ଦାୟିତ୍ୱ ସମ୍ପର୍କରେ ଏହି ସ୍ତମ୍ଭରେ ଆମେ କିଛିଦିନ ତଳେ କିଞ୍ଚିତ ସୂଚନା ଦେଇଥିଲୁ । ଆମେ କହିଥିଲୁ ରକେଟ କ୍ଷେପଣାସ୍ତ୍ର କେନ୍ଦ୍ରସ୍ଥାପନ ପ୍ରଶ୍ନ ଏକ ସାଧାରଣ ପ୍ରଶ୍ନ ନୁହେଁ । ଏହା ଏକ ଜାତୀୟ ପ୍ରଶ୍ନ—ଯାହା ଦଳୀୟ ରାଜନୀତି, ବ୍ୟକ୍ତିଗତ ପ୍ରତିଷ୍ଠା କିମ୍ବା ମନ୍ତ୍ରିତ୍ୱର ମୋହଠାରୁ ବହୁ ଊର୍ଦ୍ଧ୍ୱରେ । ଗୋଟିଏ ଜାତୀୟ ପ୍ରଶ୍ନର ସମାଧାନ ପାଇଁ ଜାତିର ସାମୂହିକ ସ୍ୱାର୍ଥଦୃଷ୍ଟିରୁ ଜାତୀୟ ସ୍ତରରେ ଆଲୋଚନା ହେବା କଥା । ଯଦି ଭାରତର ପ୍ରତିରକ୍ଷାପାଇଁ ଏକ ରକେଟ୍ କେନ୍ଦ୍ରର ଆବଶ୍ୟକତା ରହିଛି ଏବଂ ଏ କେନ୍ଦ୍ର ପ୍ରତିଷ୍ଠା କରିବାପାଇଁ ବିଶେଷଜ୍ଞମାନେ ବାଲିଆପାଳ ବ୍ୟତୀତ ଅନ୍ୟ କୌଣସି ଜାଗାକୁ ଉପଯୁକ୍ତ ମଣୁନାହାନ୍ତି ତା'ହେଲେ ଭାରତର ବୃହତ୍ତର ସ୍ୱାର୍ଥର ସୁରକ୍ଷା ଦୃଷ୍ଟିରୁ ଯେତେ ଅପ୍ରିୟ ହେଲେ ମଧ୍ୟ ଓ ଏଥିପାଇଁ ଯାହା କିଛି ମୂଲ୍ୟଦେବାକୁ ପଡ଼ିଲେ ମଧ୍ୟ ଏହି କେନ୍ଦ୍ର ପ୍ରତିଷ୍ଠା କରିବାକୁ ହେବ ଏବଂ ଯେଉଁମାନେ ଏହି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେଉଛନ୍ତି ସେମାନେ ଯେତେ କଷ୍ଟ ହେଉ ପଛେ ଭାବପ୍ରବଣତାରୁ ଦୂରରେ ରହି ନିଜଦେଶର ପ୍ରତିରକ୍ଷାରେ ସହାୟକ ହୋଇ ନିଜର ମହାନୁଭବତା ତଥା ଜାତୀୟତାବୋଧର ପରିଚୟ ଦେବେ ବୋଲି ବିଶ୍ୱାସ । ବିଶେଷକରି ଏ ଅଞ୍ଚଳର ଶିକ୍ଷିତ ଏବଂ ସଚେତନ ଜନସାଧାରଣ ଏହି ଜଟିଳ ପରିସ୍ଥିତିକୁ ହୃଦୟଙ୍ଗମ କରି ଏ କ୍ଷେତ୍ରରେ ଏକ ବିଶେଷ ଭୂମିକା ଗ୍ରହଣ କରିବେ ବୋଲି ଆମେ ଆଶାକରୁ । ଅପର ପକ୍ଷରେ ସରକାର ଏହାକୁ ଏକ ଜାତୀୟ ପ୍ରଶ୍ନ ବୋଲି କହି ସ୍ଥାନାନ୍ତରିତ ହେଉଥିବା ପରିବାର ମାନଙ୍କର ଉପଯୁକ୍ତ ଥଇଥାନ ପ୍ରତି ବିଶେଷ ଦୃଷ୍ଟି ନ ଦେବା ଆଦୌ ଗ୍ରହଣୀୟ ହେବନାହିଁ । ସୁଖର କଥା ମୁଖ୍ୟମନ୍ତ୍ରୀ ବାସ୍ତୁଚ୍ୟୁତ ଲୋକମାନଙ୍କର ଉପଯୁକ୍ତ ଥଇଥାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବେ ବୋଲି ବ୍ୟକ୍ତିଗତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଭୁଲିଯିବା ଉଚିତ ହେବନାହିଁ ପୂର୍ବରୁ ଏପରି ପରିସ୍ଥିତିରେ ବାସ୍ତୁଚ୍ୟୁତ ଲୋକମାନଙ୍କର ଥଇଥାନପାଇଁ ଯେଉଁସବୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ସେଗୁଡ଼ିକର କାର୍ଯ୍ୟକାରିତାରେ ତଥା ସଫଳ ରୂପାୟନରେ ଅନେକ ବିଭ୍ରାଟ ଏବଂ ପ୍ରତିବନ୍ଧକ ଦେଖାଦେଇଛି । ବାଲିଆପାଳ କ୍ଷେତ୍ରରେ ଏପ୍ରକାର ଅଭିଯୋଗର ଅବକାଶ ନ ରହୁ । ଆମର ଆସ୍ଥା ଏବଂ ବିଶ୍ୱାସ ସରକାର ପୂର୍ବ ଅଭିଜ୍ଞତାର ପୃଷ୍ଠା ଉନ୍ମୋଚନ କରିବେ ଏବଂ ଯେପରି ସେ ବିଭ୍ରାଟ ଏବଂ ପ୍ରତିବନ୍ଧକର ପୁନରାବୃତ୍ତି ନ ହୁଏ ସେଥିପ୍ରତି ବିଶେଷ ଦୃଷ୍ଟିଦେବେ ।

ସୌମ୍ୟରଞ୍ଜନ ପଟ୍ଟନାୟକ